# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 June - 2025

****************************************

## ମୁଖ୍ୟ ସମ୍ବାଦ

- ଦୁଗ୍ଧ ହେଉଛି ପୁଷ୍ଟିର ଆଧାର ଓ ଅର୍ଥନୀତିର ସମ୍ବଳ; ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ କହିଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ଦ୍ୱିତୀୟ କୃଷିଭବନକୁ ସମ୍ବଲପୁରଠାରେ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଦେବ ଦମ୍ପତ୍ତି ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦେଉଛନ୍ତି ଦର୍ଶନ

ଏବଂ

- କର୍କଟ ରୋଗର କାରଣ ଏବଂ ଏହାର ମୁକାବିଲା ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ କର୍କଟ ବିଜୟୀ ଦିବସ

## ବିଶ୍ୱ ଦୁଗ୍ଧ ଦିବସ

ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଜୀବିକା ଏବଂ ଉନ୍ନତ ଜୀବନଶୈଳୀରେ ଦୁଗ୍ଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ ପ୍ରତ୍ୟେକ ବର୍ଷ ଜୁନ୍ ପହିଲାରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି, "ଦୁଗ୍ଧର ଶକ୍ତି ପାଳନ" ।

***Desk***

## ମୁଖ୍ୟମନ୍ତ୍ରୀ

**ଦୁଗ୍ଧ** ପୃଷ୍ଟିର ଆଧାର ଓ ଅର୍ଥନୀତିର ସମ୍ବଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ଦୁଗ୍ଧ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ଗୋ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସ୍ଥାୟୀ ପୁଞ୍ଜିନିବେଶରେ ୫୦ ପ୍ରତିଶତ ଓ ସର୍ବାଧିକ ୧ କୋଟି ଟଙ୍କାର ରିହାତି ସରକାର ପ୍ରଦାନ କରିବେ। ପ୍ରାଣୀକଲ୍ୟାଣ ପ୍ରତି ସରକାର ସମ୍ବେଦନଶୀଳ, ସହାନୁଭୂତି ଓ ପର୍ଯ୍ୟାବରଣ ପ୍ରତି ଉତ୍ତରଦାୟିତ୍ୱକୁ ସମ୍ପାଦନ କରିବା ପାଇଁ ନୂଆ ନୂଆ ଗୋଶାଳା ପ୍ରତିଷ୍ଠା

କରାଯାଉଛି।  ଓମ୍‌ଫେଡ୍ ଜରିଆରେ ଓଡ଼ିଶାରେ ଦୁଗ୍ଧ ବିପ୍ଳବ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

**- V/O - (CM)**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୨୪-୨୫ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏହାସହ ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଓ ୭୭ଟି ଗୋଶାଳାକୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ମୁଦିପଡାଠାରେ ରାଜ୍ୟର ଦ୍ୱିତୀୟ କୃଷିଭବନର ଉଦ୍‌ଘାଟନ କରିଛନ୍ତି। କୃଷିପ୍ରଧାନ ଅଞ୍ଚଳରେ ନିର୍ମିତ ଏହି ଅତ୍ୟାଧୁନିକ କୃଷି ଭବନ ସହରର କୃଷି କ୍ଷେତ୍ରକୁ ନୂଆ ପରିଚୟ ଦେବା ସହ ଅନ୍ନଦାତାଙ୍କ ଉତ୍ତରୋତ୍ତର ବିକାଶ ଦିଗରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଚାଷୀମାନଙ୍କୁ ଉନ୍ନତ ତାଲିମ ସହ ଚାଷ ସମ୍ବନ୍ଧୀୟ ଗବେଷଣା ପାଇଁ କୃଷିଭବନ ପ୍ରୋତ୍ସାହିତ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଚାଷୀ, ମହିଳା, ଯୁବକଙ୍କ କଲ୍ୟାଣ ଏବଂ ଶିଶୁଙ୍କୁ

ଉପଯୁକ୍ତ ପୋଷଣ ପ୍ରଦାନ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି....

**- V/O - (D.P.)**

ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁର କୃଷିଭବନ ପରିସରରେ 'ମା' ପାଇଁ ଗଛଟିଏ' ଅଭିଯାନରେ ଚାରା ରୋପଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାନସଭା ଷ୍ଟାଣ୍ଡିଂ କମିଟି ଗସ୍ତ

**ଗଞ୍ଜାମ** ଜିଲ୍ଲା ଗସ୍ତରେ ଥିବା ବିଧାନସଭା ଷ୍ଟାଣ୍ଡିଂ କମିଟି ଆଜି ଗୋପାଳପୁରସ୍ଥିତ ଆଦର୍ଶ କଲୋନୀ ବୁଲି ଦେଖିବା ସହିତ ସେଠାରେ ବସବାସ କରୁଥିବା ଅଧିବାସୀଙ୍କ ସହ ଆଲୋଚନା କରିଛନ୍ତି। କମିଟିର ଅଧ୍ୟକ୍ଷ ସନାତନ ବିଜୁଳିଙ୍କ ସମେତ ଅନ୍ୟ ୬ ଜଣ ବିଧାୟକ ସେଠାରେ ରହୁଥିବା ଆଦର୍ଶ କଲୋନୀର ଅଧିବାସୀମାନଙ୍କ ସହ ଜଳଯୋଗାଣ, ରାସ୍ତା, ପରିମଳ, ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥଲେ।

## ମୁଖ୍ୟମନ୍ତ୍ରୀ – ଅଭିଯୋଗ ଶୁଣାଣି

ମୁଖମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ

ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଶିବବିବାହ

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଶିବ-ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ବ୍ରାହ୍ମ ମୁହୂର୍ତ୍ତରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କର ଲୌକିକ ରୀତିନୀତିରେ ବାହାଘର ସରିବା ପରେ ବର୍ତ୍ତମାନ ଭକ୍ତମାନେ ଦେବଦମ୍ପତ୍ତିଙ୍କୁ ଦର୍ଶନ କରୁଛନ୍ତି। ନବବିବାହିତ ଦେବଦମ୍ପତ୍ତିଙ୍କର ଏହି  ଅଭୂତପୂର୍ବ ଦର୍ଶନ ପାଇଁ ସମସ୍ତ ବିବାହ ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଛି।

ଆକାଶବାଣୀ ସମ୍ବାଦବିଭାଗ ପକ୍ଷରୁ ଶୀତଳଷଷ୍ଠୀ ଯାତ୍ରା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଛନ୍ତି ସ୍ମୃତିରେଖା ତାରେଣିଆ...

ସମ୍ବଲପୁର ଝାଡୁଆପଡ଼ାର ଶ୍ରୀଶ୍ରୀ ଲୋକନାଥ ବାବା ଏବଂ ମାତା ପାର୍ବତୀଙ୍କର ବିବାହ ପରେ ମହାନଦୀ କ୍ଲବ୍ ମଣ୍ଡପଠାରେ ଦେବଦମ୍ପତ୍ତି ଯୁଗଳ ଦର୍ଶନ ଦେଉଛନ୍ତି। ମୁଦିପଡାର ବାବା ଜାଗେଶ୍ୱର ଏବଂ ମାତା ପାର୍ବତୀଙ୍କ ଯୁଗଳ ଦର୍ଶନ ପାଟଣେଶ୍ୱରୀ ମଣ୍ଡପଠାରେ ଏବଂ ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର ବାବା ଏବଂ ମାତା ପାର୍ବତୀଙ୍କର ଯୁଗଳ ଦର୍ଶନ ନାରୀ ସେବା ସଦନଠାରେ ଭକ୍ତମାନଙ୍କୁ ଦେବଦମ୍ପତ୍ତି ଦର୍ଶନ ଦେଉଛନ୍ତି। ସହରର ଅନ୍ୟ

ମଣ୍ଡପଗୁଡ଼ିକରେ ମଧ୍ଯ ଦେବଦମ୍ପତିଙ୍କ ଦର୍ଶନ ପାଇବା ପାଇଁ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନଙ୍କର ଭିଡ ପରିଲକ୍ଷିତ ହେଉଛି।

**ସୁବର୍ଣ୍ଣପୁର** ଜିଲ୍ଲାରେ ଶୀତଳଷଷ୍ଠୀ ମହୋତ୍ସବର ଦିବ୍ୟ ପର୍ବ ଦେବଦମ୍ପତିଙ୍କ ବିବାହ କନ୍ୟା ପିତାଙ୍କ ବାସଭବନ ହିମାଦ୍ରୀ ନଗରରେ ଲୌକିକ ରୀତିନୀତିରେ ସମ୍ପନ୍ନ ହୋଇଯାଇଛି। ବାବା ସୁବର୍ଣ୍ଣମେରୁଙ୍କ ସହ ବୈଦ୍ୟନାଥର ବାବା କୋଶଳେଶ୍ୱର, ଚରଦାର ବାବା କପିଳେଶ୍ୱର, ବାବା ଚମ୍ପେଶ୍ୱର ଓ ଗୋଧନେଶ୍ୱରଙ୍କ ପୀଠରେ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ନିର୍ଦ୍ଧାରିତ ଲଗ୍ନରେ ଅନୁଷ୍ଠିତ ହୋଇଛି। ଏହି ବିବାହ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ବାବା ସୁବର୍ଣ୍ଣମେରୁଙ୍କ ମହାର୍ଗ ବରବେଶ ଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଏହି ଶୀତଳଷଷ୍ଠୀ ଯାତ୍ରାରେ ରାଜରାଜୁଡା ଅମଳରୁ ଥିବା ୧୦୮ ଭରି ଓଜନର ସ୍ୱର୍ଣ୍ଣନାଗ ଏବଂ ମହଣ ମହଣ ରୂପାରେ ନିର୍ମିତ ବିମାନ ସହ ସୁନା ଓ ରୂପାର ଛତିଛତ୍ର ଓ ପ୍ରଭା ପ୍ରମୁଖ ଆକର୍ଷଣ ହୋଇ ରହିଛି।

## ଶିବବିବାହ-ଶୀତଳଷଷ୍ଠୀ

ପୁରୀ ଶ୍ରୀମନ୍ଦିରରେ ପଂଚ ମହାଦେବ ଶ୍ରୀଜମ୍ବେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନଦେବ, ଶ୍ରୀନୀଳକଣ୍ଠେଶ୍ୱରଙ୍କର ଶୀତଳଷଷ୍ଠୀ ଯାତ୍ରା ପାଇଁ ଶ୍ରୀମନ୍ଦିର ଉତ୍ସବମୁଖର ହୋଇଉଠିଛି। ମଧ୍ଯରାତ୍ରୀରେ ମହାଦେବଙ୍କର ବିବାହ ଶେଷ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିମନ୍ତ୍ରଣ

ପାଇ ପଟୁଆରରେ ପଂଚମହାଦେବ ଶ୍ରୀମନ୍ଦିରକୁ ସନ୍ଧ୍ୟାଧୂପ ପରେ ବିଜେ କରିଥିଲେ। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ, ଶୀତଳଷଷ୍ଠୀ ଅବସରରେ ଶ୍ରୀମନ୍ଦିରରେ ତୃତୀୟ ଜଳକ୍ରୀଡା ନୀତି ଅନୁଷ୍ଠିତ ହେବ। ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ଆଜି ଶ୍ରୀମଦନମୋହନ ଓ ଶ୍ରୀଦେବୀ, ଭୂଦେବୀ ରୋହିଣୀକୁଣ୍ଡ ନିକଟ ଜଳକ୍ରୀଡା ମଣ୍ଡପରେ ଜଳକ୍ରୀଡା କରିବେ।

## ମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭଦ୍ରକ ଗସ୍ତରେ ଯିବେ। ଆମ ଭଦ୍ରକ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଅପରାହ୍ଣ ୪ଟାରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ରମ୍ଭିଲା ପଂଚାୟତ ଆରଡୀପଦା ପଡିଆରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି।

## ମାଣ୍ଡବ୍ୟ – ଫିଟ୍ ଇଣ୍ଡିଆ

‘ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍’ ଅଭିଯାନର ୨୫ତମ ସଂସ୍କରଣ ଆଜି ସମଗ୍ର ଦେଶରେ ଅନୁଷ୍ଠିତ ହେଉଛି । କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ନୂଆଦିଲ୍ଲୀରେ ଏହି ସଂସ୍କରଣ ନେତୃତ୍ୱ ନେଉଛନ୍ତି । ଏଥିରେ କ୍ରୀଡ଼ା ଏବଂ ମନୋରଞ୍ଜନ ଜଗତର ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଅଂଶଗ୍ରହଣ କରୁଛନ୍ତି । ସୁସ୍ଥ ଜୀବନଶୈଳୀ ଶୀର୍ଷକ ବାର୍ତ୍ତାକୁ ପ୍ରସାରଣ

କରିବା ଲକ୍ଷ୍ୟ ନେଇ ଦେଶର ୨ ହଜାରରୁ ଅଧିକ ସ୍ଥାନରେ ଏହି ଅଭିଯାନର ଆୟୋଜନ କରାଯାଇଛି ।

## ସଚେତନ ରଥ

**ଗଞ୍ଜାମ** ଜିଲ୍ଲା ପରିଷଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅନଗ୍ରସର ଥିବା ସହରାଞ୍ଚଳର ଲୋକମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ସହଯୋଗ ରଥର ଆୟୋଜନ କରାଯାଇଛି। ଭ୍ରାମ୍ୟମାଣ ସହଯୋଗ ରଥ ଜରିଆରେ ସରକାରଙ୍କର ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## କରୋନା

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ସମସ୍ତ କୋଭିଡ୍ ଆକ୍ରାନ୍ତଙ୍କୁ ସଂଗରୋଧରେ ରଖାଯାଇଛି। ଭୁବନେଶ୍ୱର ଓ କଟକରେ ସର୍ବାଧିକ ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇଛନ୍ତି।

## କର୍କଟ ବିଜୟୀ ଦିବସ

କର୍କଟ ରୋଗର କାରଣ ଏବଂ ଏହାର ମୁକାବିଲା ଦିଗରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଉଛି । ୧୯୮୮ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ପ୍ରଥମ

ରବିବାରରେ ଏହି ଦିବସ ପାଳିତ ହୋଇଆସୁଛି । ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା କରାଗଲେ କର୍କଟ ରୋଗକୁ ପରାଜିତ କରାଯାଇପାରିବ । ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ଆକଳନ ଅନୁଯାୟୀ ବିଶ୍ୱବ୍ୟାପୀ କର୍କଟ ରୋଗୀ ସଂଖ୍ୟା ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ରୋଗକୁ ପ୍ରତିହତ କରିବାକୁ ହେଲେ ସଚେତନତା ଜରୁରୀ । ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ କେତେକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

*********************************